भाकृअनुप - केंद्रीय चावल अनुसंधान संस्थान
ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ୨୦୨୬ ମସିହା ସେପ୍ଟେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା

- ସ୍ୱଳ୍ପ ଖାଲୁଆ ଓ ମଧ୍ୟମ ରୁଆ ଧାନ ଜମିରେ ପିଲ ଆସିବା ସମୟରେ (ରୋଇବାର ୨୦ ରୁ ୨୫ ଦିନ ପରେ) ଅଧିକ ଅମଳକ୍ଷମ କିସମ ପାଇଁଏକର ପିଛା ୩୫ କି.ଗ୍ରା. ୟୁରିଆ ଏବଂ ଶଙ୍କର ଜାତୀୟ କିସମ ପାଇଁଏକର ପ୍ରତି ୪୨ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ । ସଠିକ୍ ସମୟରେ ରୁଆଯାଇଥିବା ଧାନରେ କେଣ୍ଡା ଧରିବା ଆରମ୍ଭ ଅବସ୍ଥାରେ (ରୋଇବାର ୫୦ ରୁ ୫୫ ଦିନ ପରେ) ଦ୍ୱିତୀୟ ପିଲସାର ଭାବେ ଏକର ପ୍ରତି ୧୭.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ । କିନ୍ତୁ ବାଲିଆ ମାଟି ଜମିରେ ୧୭.୫ କି.ଗ୍ରା. ୟୁରିଆ ସହିତ ୧୩ କି.ଗ୍ରା. ଏମ୍.ଓ.ପି. ପ୍ରୟୋଗ କରନ୍ତୁ ।
- ଘାସ ନିୟନ୍ତ୍ରଣ ପାଇଁ ଏକର ପିଛା ୪ କି.ଗ୍ରା. ଘାସମରା ଦାନାଦାର ବେନ୍‌ସଲଫ୍ୟୁରାନ୍ ମିଥାଇଲ ୦.୬% + ପ୍ରେଟିଲାକ୍ଲୋର ୬% ଜି.ଆର୍. ସହିତ ୪ କି.ଗ୍ରା ବାଲି ମିଶାଇ ଧାନ ତଳି ରୋଇବାର ୫ ରୁ ୧୦ ଦିନ ପରେ ପ୍ରୟୋଗ କରନ୍ତୁ କିମ୍ବା ଘାସ ଗଜା ହେବାର ୮ ରୁ ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ଟି ପତ୍ର ହୋଇଥିବା ଅବସ୍ଥାରେ ୧୦୦ ମି.ଲି. ବିସ୍‌ପାଇରିବାକ୍ ସୋଡିୟମ୍ ୧୦% ଏସ୍.ସି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ୯୦୦ ମି.ଲି. ପେନୋକ୍ସୁଲମ୍ + ସାଇହାଲୋଫପ୍ ବ୍ୟୁଟାଇଲ୍ (ଭିଭାୟ) କିମ୍ବା ଏକର ପିଛା ୨୪୦ ଗ୍ରାମ୍ ଫେନୋକ୍ସାପ୍ରୋ-ପି-ଇଥାଇଲ + ୫୦ ଗ୍ରାମ୍ ଇଥୋକ୍ସିସଲଫ୍ୟୁରାନ୍ (ରାଇସ୍‌ଷ୍ଟାର + ସନ୍‌ରାଇଜ୍) ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟର୍‌ରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ ।
- କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ୪-୫ ଟି ଫେରୋମୋନ୍ ଯନ୍ତା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଗୋଟିଏ ଦିନରେ ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ ୦.୧୫% ଇ.ସି. କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହି ପୋକର ପ୍ରାର୍ଦୁଭାବ ସମ୍ଭାବନା ଥିବା ଅଂଚଳରେ ୨୦,୦୦୦ ଅଣ୍ଡା ଥିବା ୩ଟି ଟ୍ରାଇକୋଗାମା ଜାପୋନିକ୍ କାର୍ଡ ୭ ରୁ ୧୦ ଦିନ ଅନ୍ତରାଳରେ ପ୍ରୟୋଗ କରନ୍ତୁ ।
- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦ ମି.ଲି . କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. କିମ୍ବା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ସଂବାଲୁଆ କିମ୍ବା ନଳୀପୋକ ଦେଖାଦେଲେ ଏକର ପିଛା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. କିମ୍ବା ୮୦୦ ମି.ଲି. କୁଇନାଲଫସ୍ ୨୫% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ବଙ୍ଗୀପୋକର ଆକ୍ରମଣ ହେଲେ ଏକର ପିଛା ୪୦୦-୬୦୦ ମି.ଲି. ଫିପ୍ରୋନିଲ୍ ୦.୫% ଏସ୍.ସି. କିମ୍ବା ୪୦ ଗ୍ରାମ୍ ଥାଇମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି କିମ୍ବା ୧୦୦ ମି.ଲି. ଲାମ୍ବଡା- ସାଇହାଲୋଥ୍ରିନ୍ ୫% ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦%ଇ.ସି. କିମ୍ବା ୨୦ କି.ଗ୍ରା. କାର୍ବୋଫ୍ୟୁରାନ୍ ୩% ସି.ଜି. ପ୍ରୟୋଗ କରିବା ଉଚିତ୍ । ସ୍ପ୍ରେ କରିବା ସମୟରେ ପ୍ରତି ଏକର ପାଇଁ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

- ମାଟିଆଗୁଣ୍ଡି ପୋକ(ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪.୫ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. ୧୨୦ ଗ୍ରାମ୍ କିମ୍ବା ୬୦-୮୦ ଗ୍ରାମ୍ ଡିନୋଟେଫ୍ୟୁରାନ୍ ୨୦% ଏସ୍.ଜି. କିମ୍ବା ୨୦୦-୩୦୦ ମି.ଲି. ଇଥୋଫେନୋପ୍ରକ୍ସ ୧୦% ଇ.ସି. କିମ୍ବା ୪୦୦ ଗ୍ରାମ୍ ଏସିଫେଟ୍ ୭୫% ଏସ୍.ପି. କିମ୍ବା ୪୦୦-୬୦୦ ମି.ଲି. ଫିପ୍ରୋନିଲ୍ ୫% ଏସ୍.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଚକଡା ପୋକ ସମୟରେ ଯବକ୍ଷାରଜାନ ଯୁକ୍ତ ସାର ପ୍ରୟୋଗ ନକରି ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।
- ପତ୍ରାଚ୍ଛଦ ପୋଡା ରୋଗ ଦମନ କରିବା ପାଇଁ ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୭୫% ୧ ମି.ଲି. ଏକ ଲିଟର ପାଣିରେ କିମ୍ବା ହେକ୍ସାକୋନାଜଲ ୫୦% ୨ ମି.ଲି. କିମ୍ବା ଭାଲିଡାମାଇସିନ୍ ୩ ଏଲ୍ ୨ ମି.ଲି.ଏକ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ । ଏକ ଲିଟର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।
- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖା ଦେଲେ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ସହିତ ପ୍ଲାଂଟୋମାଇସିନ୍ ୧ ଗ୍ରାମ୍ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।
- ମହିଷା ରୋଗ ଦେଖା ଦେଲେ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫% ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨ ଗ୍ରାମ୍ ହିସାବରେ ସିଂଚନ କରନ୍ତୁ ।
- ନତୁବା ଏକ ଲିଟର ପାଣିରେ ସତେଜ ବେଲ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବ ପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ସିଂଚନ କରନ୍ତୁ ।
- ପତ୍ରଚିତା ରୋଗ ଦେଖାଦେଲେ ଏକର ପ୍ରତି ୨୦୦ ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. କିମ୍ବା ୪୦୦ ଗ୍ରାମ୍ ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି. କିମ୍ବା ୪୦୦ ଗ୍ରାମ୍ କିମ୍ବା ଏକର ପ୍ରତି ୩୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୬୪% + ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି ଭଲ ଭାବେ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ । ୪୫ ଦିନରୁ ଅଧିକ ହୋଇଥିବା ବୁଣାଧାନ ଚାଷଜମିରେ ବେଉଷଣି ନକରିବା ଉଚିତ୍ ।
- ଧାନ ଚାଷରେ ବିଭିନ୍ନ ରୋଗ, ପୋକ, ସୂତ୍ରକୃମି ଆକ୍ରମଣ ଓ ପୋଷକତତ୍ୱ ଅଭାବ ଭଳି ସମସ୍ୟା ଦେଖାଦେଇପାରେ । ଏହାର ସଠିକ୍ କାରଣ ଚିହ୍ନଟ କରି ଠିକ୍ ସମୟରେ ନିୟନ୍ତ୍ରଣ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ।ଧାନ ଫସଲରେ କୌଣସି ସମସ୍ୟା ଦେଖାଦେଲେ ଆକ୍ରାନ୍ତ ଧାନ ଗଛର ନମୂନା Rice Health Clinic, CRRI, Cuttack କୁ ନେଇ ଆସନ୍ତୁ । ସୋମବାରରୁ ଶୁକ୍ରବାର, ପୂର୍ବାହ୍ନ୧୦.୩୦ ରୁ ୧୨.୩୦ ମଧ୍ୟରେ ନମୁନା ଯାଂଚ କରାଯାଇ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପରିଚାଳନା ଓ ନିୟନ୍ତ୍ରଣ ବିଷୟରେ ସୁପାରିଶ ଦିଆଯାଇଥାଏ ।

*******